# REGIONAL NEWS UNIT, AIR CUTTACK

## Evening Bulletin (6.45PM)

**10 April - 2026**

**************************************

## ମୁଖ୍ୟ ସମ୍ବାଦ

- ରାଜ୍ୟ କ୍ୟାବିନେଟ୍ ବୈଠକରେ ଜଳସମ୍ପଦ ବିଭାଗର ୫ଟି ପ୍ରସ୍ତାବ ସହିତ ୩ ହଜାର ୪୦୦ କୋଟି ଟଙ୍କାର ଅଟଳ ବସ୍ଷ୍ଟାଣ୍ଡ ଯୋଜନାକୁ ମିଳିଲା ଅନୁମୋଦନ

- ୨୦୨୬ ମସିହା ଭୋଟର ତାଲିକା ଆଧାରରେ ରାଜ୍ୟରେ ହେବ ପଂଚାୟତ ନିର୍ବାଚନ

- କଟକ ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମ୍‌ରେ ଆଜିଠାରୁ ଆରମ୍ଭ ହୋଇଛି ସର୍ବଭାରତୀୟ ଇଣ୍ଡୋର ନୌଚାଳନା ପ୍ରତିଯୋଗିତା

ଏବଂ

- ଗରମ ଓ ଗୁଳୁଗୁଳି ନେଇ ଆସନ୍ତାକାଲିଠାରୁ ରାଜ୍ୟର ବିଭିନ୍ନ ଜିଲ୍ଲାକୁ ପାଣିପାଗ କେନ୍ଦ୍ରର ସତର୍କ ସୂଚନା

# କ୍ୟାବିନେଟ୍ ବୈଠକ

ଭୁବନେଶ୍ୱର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍‌ର ୩୮ତମ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୫ଟି ବିଭାଗର ୧୧ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଜଳସମ୍ପଦ ବିଭାଗର ୫ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି।

କଟକ ଜିଲ୍ଲାରେ ହାଡୁଆ ଜଳସେଚନ ପ୍ରକଳ୍ପର ଭୂତଳ ପାଇପ୍‌ଲାଇନ୍ ପାଇଁ ଟେଣ୍ଡର ପ୍ରସ୍ତାବକୁ ମଞ୍ଜୁରୀ ଦିଆଯାଇଛି। ପ୍ରକଳ୍ପ ପାଇଁ ମୋଟ୍ ୧୩୭ କୋଟି ୭୫ ଲକ୍ଷ ଟଙ୍କା ବିନିଯୋଗ କରାଯାଇ ୩ ହଜାର ୬୪୧ ଚାଷଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯିବ। କଟକ ଜିଲ୍ଲା ବଡମ୍ବାର ୭୬ଟି ଏବଂ ନରସିଂହପୁର ଓ ତିଗିରିଆର ୫ଟି ଲେଖାଏଁ ଗାଁ ଏଥିରେ ଉପକୃତ ହେବେ।

ପାର୍ବତୀ ଗିରି ମେଗା ଉଠା ଜଳସେଚନ ପ୍ରକଳ୍ପ ଅଧୀନରେ ୧୦ ହଜାର ୭୫୯ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନୂତନ ଜଳସେଚନ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି।

ଯୋଜନା ଅଧୀନରେ ପ୍ରାୟ ୨ ଲକ୍ଷ ୬୩ ହଜାର ହେକ୍ଟର ଉଚ୍ଚ ଚାଷଭୂମିକୁ ଜଳସେଚନ କରିବା ଲକ୍ଷ୍ୟ ରଖାଯାଇଛି। ଏହାଦ୍ୱାରା ରାଜ୍ୟର ଉଚ୍ଚଭୂମି ଅଂଚଳରେ ଜଳସେଚନ ସୁବିଧା ବୃଦ୍ଧି ହେବା ସହିତ କୃଷକମାନଙ୍କ ଜୀବିକାରେ ସୁଧାର ଆସିବ ବୋଲି ଶ୍ରୀମତୀ ଗର୍ଗ କହିଛନ୍ତି।

କ୍ୟାବିନେଟ୍ ବୈଠକରେ ୩ ହଜାର ୪୦୦ କୋଟି ଟଙ୍କାର ଅଟଳ ବସ୍ଷ୍ଟାଣ୍ଡ ଯୋଜନା ପ୍ରସ୍ତାବ ପାରିତ ହୋଇଛି। ରାଜ୍ୟର ୩୧୮ଟି ବସ୍ଷ୍ଟାଣ୍ଡର ଏଥିରେ ଉନ୍ନତୀକରଣ କରାଯିବ। କେନ୍ଦୁଝରରେ ୧ ହଜାର ୬୪୭ କୋଟି ଟଙ୍କା ବ୍ୟୟରେ ନୂଆ ଏମ୍ଭିଏ ସବ୍ଷ୍ଟେସନ୍ ନିର୍ମାଣ ହେବ। ଏହାବ୍ୟତୀତ ଓଡ଼ିଶା ଶ୍ରମସେବା ନିୟମ ୨୦୧୯ରେ ଗୁରୁତ୍ୱପୂର୍ଣ୍ଣ ସଂଶୋଧନକୁ ଅନୁମୋଦନ ମିଳିଛି ବୋଲି ଶ୍ରୀମତୀ ଗର୍ଗ କହିଛନ୍ତି....

**- V/O –**

## ଏସ୍ଆଇଆର

ରାଜ୍ୟରେ ୨୦୨୬ ଭୋଟର ତାଲିକା ଆଧାରରେ ପଞ୍ଚାୟତ ନିର୍ବାଚନ ହେବ ବୋଲି ରାଜ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀ କହିଛନ୍ତି। ଆଗାମୀ କିଛି ଦିନ ମଧ୍ୟରେ ସ୍ୱତନ୍ତ୍ର ଭୋଟର ତାଲିକା ସଘନ ସଂଶୋଧନ ଆରମ୍ଭ କରାଯିବ। ଏହା ଶେଷ ହେବା ପରେ ନୂଆ ଭୋଟର ତାଲିକା ଜାରି ହେବ। ସଂରକ୍ଷଣ ଓ ଡିଲିମିଟେସନ୍ ଉଭୟ ଦାୟିତ୍ୱ ରାଜ୍ୟ ସରକାରଙ୍କ ଉପରେ ନ୍ୟସ୍ତ କରାଯାଇଛି। ସଂରକ୍ଷଣ ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ଆଉ ସୀମା ନିର୍ଦ୍ଧାରଣ କରାଯିବ ନାହିଁ। ସରକାରଙ୍କ ପକ୍ଷରୁ ସଂରକ୍ଷଣ ତାଲିକା ହସ୍ତଗତ ହେବା ପରେ ନିର୍ବାଚନ ହେବ ବୋଲି ଶ୍ରୀ ପାଢ଼ୀ କହିଛନ୍ତି।

## ଗଗନଯାନ

ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶଧୱନ ମହାକାଶ କେନ୍ଦ୍ରରୁ ଭାରତୀୟ ମହାକାଶ ଗବେଷଣା ସଂସ୍ଥା-ଇସ୍ରୋ ସଫଳତାର ସହିତ ମହତ୍ତ୍ୱାକାଂକ୍ଷୀ ଗଗନଯାନ ଅଭିଯାନର ଏୟାର ଡ୍ରପ୍ ଟେଷ୍ଟ-୨ ଲ୍ୟାଣ୍ଡିଂ ସିଷ୍ଟମ୍ର ପରୀକ୍ଷଣ କରିଛି। ଏଥିରେ ପ୍ରାୟ ୫ ଦଶମିକ ୭ ଟନ୍ ଓଜନର ଏକ

ଷ୍ଟିମୁଲେଟେଡ୍ କ୍ରିୟୁ ମଡ୍ୟୁଲକୁ ସଂଯୋଗ କରାଯାଇଥିଲା। ଭାରତୀୟ ବାୟୁସେନାର ଚିନୁକ୍ ହେଲିକପ୍ଟର ଦ୍ୱାରା ପ୍ରାୟ ୩ କିଲୋମିଟର ଉଚ୍ଚତାକୁ ନେବା ପରେ ଶ୍ରୀହରିକୋଟାର ଉପକୂଳ ନିକଟରେ ଏହାକୁ ଏକ ନିର୍ଦ୍ଦିଷ୍ଟ ଅଂଚଳରେ ଛଡାଯାଇଥିଲା। ଏହି ପରୀକ୍ଷଣ ଭାରତୀୟ ବାୟୁସେନା, ନୌସେନା ଏବଂ ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ପ୍ରତିଷ୍ଠାନର ସକ୍ରିୟ ସମର୍ଥନ ଓ ଅଂଶଗ୍ରହଣ ସହିତ ଗଗନଯାନ ମିଶନ ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିବେଚନା କରାଯାଉଛ।

## ଓଡ଼ିଆ ପକ୍ଷ

ଓଡ଼ିଆ ପକ୍ଷ ପାଳନର ଦଶମ ଦିନ ଲୋକକଳାକୁ ସମର୍ପିତ କରାଯାଇଛି। ଲୋକକଳା ହେଉଛି ସଭ୍ୟତାର ଉତ୍କୃଷ୍ଟ ନିଦର୍ଶନ। ରାଜ୍ୟର ପ୍ରତିଭାବାନ୍ କଳାକାର ଓ ସେମାନଙ୍କର ଅନନ୍ୟ ସୃଜନଶୀଳତାକୁ ସମ୍ମାନ ଜଣାଇ ଆଜି ଏହି ଦିବସ ପାଳନ କରାଯାଉଛି। ଓଡ଼ିଶାର ଅମୂଲ୍ୟ ଲୋକକଳା ପରମ୍ପରାକୁ ସୁରକ୍ଷିତ ରଖିବା ଏବଂ ଏହାର ପ୍ରଚାର-ପ୍ରସାରରେ ସହଯୋଗ କରିବା ପାଇଁ **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ଆହ୍ୱାନ ଦେଇଛନ୍ତି।

ରାଜ୍ୟର ବିଭିନ୍ନ ସ୍ଥାନରେ 'ଲୋକକଳାପାଇଁ ଦିନଟିଏ' କାର୍ଯ୍ୟକ୍ରମ ପାଳନ ହୋଇଯାଇଛି।

**କଟକ** ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା କଳାକାରମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ପାରମ୍ପରିକ ଲୋକକଳା ପ୍ରଦର୍ଶନ କରିଥିଲେ।

**କେନ୍ଦ୍ରାପଡ଼ା** ଜିଲ୍ଲା ଡେରାବିଶି ବ୍ଲକ୍ ଅନ୍ତର୍ଗତ ଦାନପୁର ପଞ୍ଚାୟତସ୍ଥିତ ଗହଗା ନରସିଂହପୁର କଳା ଗ୍ରାମରେ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

**ଗଜପତି** ଜିଲ୍ଲା ପାରଳାଖେମୁଣ୍ଡିସ୍ଥିତ ପୌରପରିଷଦ କାର୍ଯ୍ୟାଳୟଠାରେ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଲୋକସଂସ୍କୃତିକୁ ଉଜ୍ଜୀବିତ ରଖିଥିବା ୬ ଜଣ ବରିଷ୍ଠ କଳାକାରଙ୍କୁ ସମ୍ମାନୀତ କରାଯାଇଛି।

## ସ୍କୁଲ ପୋଷାକ

ରାଜ୍ୟର ସମସ୍ତ ସ୍କୁଲରେ ଆସନ୍ତା ୨୭ ତାରିଖ ସୁଦ୍ଧା ପୋଷାକ ବଣ୍ଟନ କରାଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ଏ ନେଇ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଛି। ଆସନ୍ତା ରବିବାର ସୁଦ୍ଧା ସଂସ୍ଥା ଚୟନ କରାଯାଇ କାର୍ଯ୍ୟାଦେଶ ବଣ୍ଟନ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି।

## - V/O –

## ସୁବର୍ଣ୍ଣଜୟନ୍ତୀ

ବାଚସ୍ପତି ସୁରମା ପାଢ଼ୀ **ଭଦ୍ରକ** ଜିଲ୍ଲା ବନ୍ତ ବ୍ଲକ୍ ଟିଲୋ ସରକାରୀ ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣଜୟନ୍ତୀ ସମାରୋହରେ ଯୋଗଦେଇଛନ୍ତି। ଶୃଙ୍ଖଳା, ଉତ୍ତମ ଚରିତ୍ର ନିର୍ମାଣ କରିବା ସହିତ ସମାଜରେ ସୁନାମ ଆଣିବା ପାଇଁ ଶ୍ରୀମତୀ ପାଢ଼ୀ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ।

## ଆମେ ଜାଣିବା ଆମ ବଜେଟ୍

ରାଜ୍ୟ ସରକାରଙ୍କ ବଜେଟ୍ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ଏବଂ ପ୍ରଶାସନିକ ସ୍ୱଚ୍ଛତାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ **ଗଞ୍ଜାମ** ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ 'ଆମେ ଜାଣିବା ଆମ ବଜେଟ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ବିଭାଗ କମିଶନର ତଥା ଗଞ୍ଜାମ ଜିଲ୍ଲା ସେକ୍ରେଟାରୀ ଅରବିନ୍ଦ ଅଗ୍ରୱାଲ ଯୋଗଦେଇ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ସଂକ୍ରାନ୍ତରେ ଆଲୋଚନା କରିଥିଲେ।

## ଦଣ୍ଡୁଆ ଆହତ

**ନୟାଗଡ଼** ଜିଲ୍ଲା ଫତେଗଡ଼ ଶ୍ରୀରାମମନ୍ଦିରରୁ ଦର୍ଶନ ସାରି ଫେରୁଥିବାବେଳେ ଅଟୋ ଓଲଟି ପଡିବାରୁ ୭ ଜଣ ଦଣ୍ଡୁଆ ଆହତ ହୋଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି। ସମସ୍ତ ଆହତଙ୍କୁ ଭା-ପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ନିଆଯାଇଥିଲା। ଦୁଇଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଭୁବନେଶ୍ୱରସ୍ଥିତ ଏମ୍ସ୍‌କୁ ସ୍ଥାନାନ୍ତର କରାଯାଇଛି। ଆହତମାନଙ୍କ ଘର ଭାପୁର ବ୍ଲକ୍ ବଡସହରା ପଞ୍ଚାୟତର ବିଭିନ୍ନ ଗାଁ ହୋଇଥିବା ଜଣାପଡିଛି। ଘଟଣାସ୍ଥଳରେ ଫତେଗଡ଼ ଥାନା ପୁଲିସ୍ ପହଞ୍ଚି ତଦନ୍ତ ଜାରି ରଖିଛି।

## ସମ୍ପୂର୍ଣ୍ଣତା ଅଭିଯାନ

ଜୁଆଙ୍ଗ ସମ୍ପ୍ରଦାୟର ସର୍ବାଙ୍ଗୀନ ଉନ୍ନତି ସୁନିଶ୍ଚିତ କରିବା ପାଇଁ ସମ୍ପୂର୍ଣ୍ଣତା ଅଭିଯାନ ୨.୦ ଅଧୀନରେ ଢ଼େଙ୍କାନାଳ ଜିଲ୍ଲା ପୁଟିପାଳରେ ଜୁଆଙ୍ଗ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଧାୟକ ବିଭୂତି ଭୂଷଣ ପ୍ରଧାନ ଯୋଗଦେଇ ଜୁଆଙ୍ଗ ସମ୍ପ୍ରଦାୟର ଲୋକମାନଙ୍କ ସହିତ ମତ ବିନିମୟ କରିଥିଲେ।

## ଜନକଲ୍ୟାଣ ରଥ

**ଖୋର୍ଦ୍ଧା** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଜନଗଣନାରୁ ଜନକଲ୍ୟାଣ ରଥର ଶୁଭାରମ୍ଭ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ପତାକା ଦେଖାଇ ଏହି ରଥର ଶୁଭାରମ୍ଭ କରିଥିଲେ । ଏହି ରଥ ଆଜିଠାରୁ ଆସନ୍ତା ଏକମାସ ପର୍ଯ୍ୟନ୍ତ ସମସ୍ତ ବ୍ଲକ୍‌ରେ ବୁଲି ଜନଗଣନା ସମ୍ପର୍କରେ ସଚେତନତା ସୃଷ୍ଟି କରିବ ।

## ଜନଗଣନା

**ନୟାଗଡ଼** ଜିଲ୍ଲା ଖଣ୍ଡପଡ଼ାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ତିନି ଦିନ ଧରି ଚାଲିଥିବା ଗୃହ ଓ ଜନଗଣନା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ଶିବିରରେ ଖଣ୍ଡପଡ଼ା ବ୍ଲକ୍ ଅଧୀନ ବିଭିନ୍ନ ସରକାରୀ ବିଦ୍ୟାଳୟରେ କାର୍ଯ୍ୟରତ ୨୪୩ ଶିକ୍ଷକ-ଶିକ୍ଷୟିତ୍ରୀ ଯୋଗଦେଇଥିଲେ ।

## ଦାୟିତ୍ୱ ଗ୍ରହଣ

**ଢ଼େଙ୍କାନାଳ** ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ଭାବେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହି ଅବସରରେ ଶ୍ରୀମତୀ ନାୟକ ଜିଲ୍ଲାର ବିକାଶ ପାଇଁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟ କରିବାକୁ ଅଧିକାରୀମାନଙ୍କ ସହିତ ଆଲୋଚନା କରିଛନ୍ତି ।

## ଦେୟଯୁକ୍ କ୍ୟାବିନ୍

**ଯାଜପୁର** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କ ସୁବିଧା ପାଇଁ ନବନିର୍ମିତ ଦେୟଯୁକ୍ତ କ୍ୟାବିନ୍ ଆଜି ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସାଂସଦ ଡକ୍ଟର ରବୀନ୍ଦ୍ର ନାରାୟଣ ବେହେରା, ଏହାଦ୍ୱାରା

ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟ ଉତ୍ତମ ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପାଇପାରିବେ ବୋଲି କହିଛନ୍ତି । ଏଥିରେ ୭ଟି ସିଙ୍ଗିଲ କ୍ୟାବିନ୍ ଏବଂ ୩ଟି ଟୁଇନ୍ ଫାସିଲିଟି ଦେୟ କ୍ୟାବିନ୍ ବ୍ୟବସ୍ଥା ରହିଛି ।

## କ୍ରୀଡା ପ୍ରତିଯୋଗିତା

ରାଜ୍ୟ କ୍ରୀଡା ଏବଂ ଯୁବସେବା ବିଭାଗ ପକ୍ଷରୁ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡିଆଠାରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଆଜିଠାରୁ ଆରମ୍ଭ ହୋଇଛି । ପ୍ରତିଯୋଗିତାରେ ୫୦୦ରୁ ଊର୍ଦ୍ଧ୍ୱ ଆନ୍ତଃ କ୍ଲବ୍ ଓ ଆନ୍ତଃ ବିଦ୍ୟାଳୟ କ୍ରୀଡାବିତ୍‌ମାନେ ଯୋଗଦେଇଛନ୍ତି । ପ୍ରତିଯୋଗିତା ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ ।

## ଫୁଟବଲ ଚାମ୍ପିଅନ୍‌ସିପ

ତେଲେଙ୍ଗାନାର ହାଇଦ୍ରାବାଦଠାରେ ଅନୁଷ୍ଠିତ ୭୪ତମ ବିଏନ୍ ମଲ୍ଲିକ ସର୍ବଭାରତୀୟ ପୁଲିସ୍ ଫୁଟବଲ ଚାମ୍ପିଅନ୍‌ସିପ୍ ୨୦୨୫-୨୬ରେ ଓଡ଼ିଶା ପୁଲିସ୍‌ର ପୁରୁଷ ଓ ମହିଳା ଫୁଟବଲ ଦଳ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ଚାମ୍ପିଅନ୍‌ସିପ୍‌ର ଫାଇନାଲ ମ୍ୟାଚ୍‌ରେ ଆସାମ ରାଇଫଲ୍ସ ବିପକ୍ଷରେ ଓଡ଼ିଶା ପୁଲିସ୍ ମହିଳା ଦଳ ଉପବିଜେତା ହୋଇଛି । ଓଡ଼ିଶା ପୁଲିସ୍ ପୁରୁଷ ଫୁଟବଲ ଦଳ ପ୍ରତିଯୋଗିତାରେ ଚତୁର୍ଥ ସ୍ଥାନ ହାସଲ କରିଛି । ରାଜ୍ୟ ପୁଲିସ୍ ମୁଖ୍ୟାଳୟଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିୟା ଖେଳାଳିମାନଙ୍କ ସହିତ ସାକ୍ଷାତ କରିଛନ୍ତି ।

## ରୋଇଂ ଚାମ୍ପିୟନ୍‌ସିପ୍

ଭାରତୀୟ ରୋଇଂ ଫେଡେରେସନ୍ ଓ ଓଡ଼ିଶା ଆସୋସିଏସନ୍ ଫର୍ ରୋଇଂ ଏଣ୍ଡ ସ୍କିଲିଂର ମିଳିତ ସହଯୋଗରେ ଆଜିଠାରୁ କଟକ ଜବାହରଲାଲ୍

ନେହେରୁ ଇଣ୍ଡୋର ଷ୍ଟାଡିୟମ୍‌ଠାରେ ସର୍ବଭାରତୀୟ ଇଣ୍ଡୋର ନୌଚାଳନା ଚାମ୍ପିୟନ୍‌ସିପ୍ ଆରମ୍ଭ ହୋଇଛି। ଏକ ନୂଆ ଉପାୟରେ ଏହି ପ୍ରତିଯୋଗିତାର ଆୟୋଜନ କରାଯାଇଛି । ଜଳକ୍ରୀଡ଼ାରେ ପାଣି କିମ୍ବା ଡଙ୍ଗା ବ୍ୟବହାର କରା ନ ଯାଇ ଡଙ୍ଗା ଭଳି ଏକ ମେସିନ୍ ଜରିଆରେ ପ୍ରତିଯୋଗୀମାନେ ପ୍ରଦର୍ଶନ କରୁଛନ୍ତି। ୩୫୦ ଜଣ ପୁରୁଷ ଏବଂ ୨୫୦ ଜଣ ମହିଳା ରୋଇଂ ଚାମ୍ପିୟନ୍‌ସିପ୍‌ରେ ଅଂଶଗ୍ରହଣ କରିଥିବା ଜଣାପଡ଼ିଛି ।

## ପାଣିପାଗ

ରାଜ୍ୟରେ ଆସନ୍ତାକାଲିଠାରୁ ଗରମ ଓ ଗୁଳୁଗୁଳି ଅନୁଭୂତ ହେବା ନେଇ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି। ଗ୍ରୀଷ୍ମପ୍ରବାହ ନେଇ ଆସନ୍ତା ସୋମବାରଠାରୁ ସମ୍ବଲପୁର, ବରଗଡ଼ ଓ ବଲାଙ୍ଗିର ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ଆସନ୍ତାକାଲିଠାରୁ ୧୬ ତାରିଖ ପର୍ଯ୍ୟନ୍ତ ୧୧ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ପ୍ରବଳ ଗ୍ରୀଷ୍ମପ୍ରବାହ ନେଇ ଚେତାବନୀ ଜାରି କରାଯାଇଛି।